## ପ୍ରବାସୀଙ୍କୁ ଟ୍ରକରେ ପଠାଇଲା ପ୍ରଶାସନ

ଜୟପୁର,(ନି.ପ୍ର.)- କରୋନା ମୁକାବିଲା ପାଇଁ କୋରାପୁଟ ଜିଲାରେ ୨ଦିନିଆ ଶଟ୍‌ଡାଉନ ସତ୍ତ୍ୱେ ପ୍ରବାସୀମାନେ ଜିଲାକୁ ଏବଂ ଜିଲା ଦେଇ ବାହାର ରାଜ୍ୟକୁ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। କେତେକ ପ୍ରବାସୀ ହାଇଦ୍ରାବାଦରୁ ଆସି ରବିବାର ଜୟପୁରରେ ପହଞ୍ଚିଥିଲେ। ଏମାନଙ୍କୁ ଏକ ବସ୍ ହାଇଦ୍ରାବାଦରୁ ଆଣି ଜଗଦଲପୁରରେ ଛାଡିବା ବଦଳରେ ଜୟପୁରରେ ଓହ୍ଲାଇ ଚାଲିଯାଇଥିଲା। ଏସମ୍ପର୍କରେ ପ୍ରଶାସନ ଓ ପୋଲିସ ଜାଣିବା ପରେ ଏହି ପ୍ରବାସୀ ଶ୍ରମିକଙ୍କୁ ଗୋଟିଏ ମାଲବାହୀ ଟ୍ରକରେ ବସାଇ ଜଗଦଲପୁର ପଠାଇ ଦେଇଥିଲେ। ସେମାନଙ୍କୁ ଏପରି ମାଲବାହୀ ଟ୍ରକରେ ପଠାଇବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି।

## ସଂକ୍ଷେପରେ

### ନାଳରେ ଭାସିଯାଇ ମହିଳା ମୃତ

ଚିତ୍ରକୋଣ୍ଡା, ୫।୭(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ଆଲମପକା ଗ୍ରାମର ଜଣେ ମହିଳା ନାଳକୁ ପାଣି ଆଣିବାକୁ ଯାଇ ଭାସିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ସାଦବ ହନ୍ତାଲଙ୍କ ସ୍ତ୍ରୀ ଜିରିମା ହନ୍ତାଲ(୬୦)। ସବୁଦିନ ପରି ଜିରିମା ଶନିବାର ଅପରାହ୍ନରେ ଆଲମପକା ନାଳକୁ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ ବର୍ଷା ଆସିବାରୁ ସେ ତରବର ହୋଇ ନାଳରୁ ପାଣି ଆଣିଲା ବେଳକୁ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ସେ ପାଣିରେ ଭାସି ଯାଇଥିଲେ। ଏହା ଜାଣିବା ପରେ ପରିବାର ଓ ଗ୍ରାମବାସୀ ତାଙ୍କୁ ଅନେକ ଖୋଜାଖୋଜି କରି ପାଇ ନ ଥିଲେ। ରବିବାର ପୁଣି ଖୋଜାଖୋଜି କରିବା ପରେ ନାଳର ଏକ ପାର୍ଶ୍ୱରୁ ତାଙ୍କ ମୃତଦେହ ମିଳିଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

### ବିଦ୍ୟୁତ୍ ଶର୍ଟସର୍କିଟରୁ ଘର ପୋଡ଼ିଗଲା

ଏମ୍‌ଭି-୭୯,୫।୭(ଡି.ଏନ.ଏ.)- କାଲିମେଳା ବ୍ଲକ ଅନ୍ତର୍ଗତ ଲୁଗେଲ ପଞ୍ଚାୟତର ରାମପାଲି ଗ୍ରାମରେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଶନିବାର ଭୂଷଣ ବାଘଙ୍କ ଘର ପୋଡ଼ିଯାଇଛି। ପରିବାର ଲୋକେ ଶୋଇଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ତେବେ ସମସ୍ତେ ସୁରକ୍ଷିତ ଥିବା ଜଣାପଡିଛି। ଗ୍ରାମବାସୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ତାଙ୍କର ପ୍ରାୟ ୭୦ ହଜାର ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଛି। ଏ ସମ୍ପର୍କରେ ଖବର ପାଇ ଆରଆଇ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ତହସିଲଦାରଙ୍କୁ ରିପୋର୍ଟ ଦେଇଛନ୍ତି। ଭୂଷଣଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ଶଟ୍‌ଡାଉନକୁ ମାନିଛନ୍ତି ଲୋକେ

ମାଲକାନଗିରି,୫।୭ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମା ପୌର ପରିଷଦ ଅଞ୍ଚଳରେ ଶନିବାର, ରବିବାର ଦୁଇଦିନ ଧରି ଶଟ୍‌ଡାଉନ ଜାରି ରହିଥିଲା। ନିୟମ ମାନି କେହି ଘରୁ ବାହାରିନାହାନ୍ତି। ଦୋକାନ ଖୋଲିନାହାନ୍ତି କି ଗାଡିମୋଟର ମଧ୍ୟ ଚଳାଚଳ କରିନାହିଁ। ସହରରେ କେବଳ ୪ଟି ଔଷଧ ଦୋକାନ, କ୍ଷୀର ବିକ୍ରୟ କେନ୍ଦ୍ର, ଡାକ୍ତରଖାନା ଖୋଲାଥିଲା। ସୂଚନାଯୋଗ୍ୟ ଯେ, ସୀମା ସୁରକ୍ଷା ବାହିନୀର ୩୬ ଜଣ ପଜିଟିଭ ଚିହ୍ନଟ ହେବା ପରେ ପୌରାଞ୍ଚଳର ଲୋକେ ଚିନ୍ତିତ ହୋଇପଡିଛନ୍ତି।

### ମାଲକାନଗିରିରେ ଜଣେ ଚିହ୍ନଟ

ମାଲକାନଗିରି, ୫।୭ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ରବିବାର ଜଣେ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ଜଣକ ମାଲକାନଗିରି ପୌର ପରିଷଦର ସ୍ଥାନୀୟ ବାସିନ୍ଦା ବୋଲି ଜଣାପଡିଛି। ଚିହ୍ନଟ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଚିହ୍ନଟ ବ୍ୟକ୍ତି ସୀମା ସୁରକ୍ଷା ବାହିନୀ ସଂସ୍ପର୍ଶରେ ଆସିଥିଲେ। ରବିବାରର ସଂକ୍ରମିତଙ୍କୁ ମିଶାଇ ଜିଲାରେ ଏହି ସଂଖ୍ୟା ୧୧୨ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୫୪ ଜଣ ସୁସ୍ଥ ହୋଇଥିବା ବେଳେ ୫୮ ଜଣ ଚିକିତ୍ସାଧୀନ ଅଛନ୍ତି।

### ବର୍ଷା ହେଲେ ନାଳ ପାଣି ଘରେ ପଶୁଛି



ଏମ୍‌ଭି-୭୯,୫।୭(ଡି.ଏନ.ଏ.)- ବର୍ଷା ଆରମ୍ଭରୁ କାଲିମେଳା ବ୍ଲକ ଏମ୍‌ଭି-୭୯ ଅଞ୍ଚଳରେ ନାଳନର୍ଦ୍ଦମା ଭର୍ତ୍ତି ହୋଇ ଅଳିଆ ଆବର୍ଜନା ରାସ୍ତା ଉପରେ ଗଦା ହେବାକୁ ଲାଗିଲାଣି। ଲୋକେ ନାଳନର୍ଦ୍ଦମାରେ କାଗଜ, ପଲିଥିନ ଓ ଆବର୍ଜନା ପକାଇବା ଯୋଗୁ ଅଧିକାଂଶ ନାଳ ପୋତି ହୋଇଯାଇଛି। ଫଳରେ ନାଳନର୍ଦ୍ଦମା ପାଣି ନିଷ୍କାସିତ ହୋଇପାରୁନି। ଏହି ନର୍ଦ୍ଦମା ପାଣି ବେଳେ ବେଳେ ଘର ଭିତରକୁ ପଶି ଆସୁଛି। ଉକ୍ତ ଅଞ୍ଚଳରେ ଦୁଇ ଦିନ ବର୍ଷା ଲାଗି ରହିବାରୁ ଶଙ୍କର ସରକାର, ଶୁକଦେବ ନାଥଙ୍କ ଦୋକାନରେ ନାଳ ପାଣି ପଶି ଅନେକ ସାମଗ୍ରୀ ନଷ୍ଟ ହୋଇଛି। ଠିକ୍ ସମୟରେ ନାଳନର୍ଦ୍ଦମା ସଫା କରାଯାଉ ନ ଥିବା ହେତୁ ଲୋକଙ୍କୁ ଏପରି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଉତ୍ପାଦନ ବୃଦ୍ଧି, କର୍ମସଂସ୍ଥାନ ସୃଷ୍ଟି ଲକ୍ଷ୍ୟ

**ଭିଡିଓ କନ୍‌ଫରେନ୍ସରେ ତାଲିମ କର୍ମଶାଳା**

- ନନ୍ଦାହାଣ୍ଡି, ପାପଡାହାଣ୍ଡିରେ ହେବ ତେଲ ପ୍ରକ୍ରିୟାକରଣ ମେଶିନ
- ସାବୁନ, ଶାମ୍ପୁ ପ୍ରସ୍ତୁତିରେ ସାମିଲ ହେବେ ଏସ୍‌ଏଚ୍‌ଜି ମହିଳା

ନବରଙ୍ଗପୁର,୫।୭(ବି.ପ୍ର.)

ନବରଙ୍ଗପୁର ଜିଲାରେ ଲେମନଗ୍ରାସ, ପାମାରୋଜ ଓ ତୁଳସୀ ଚାଷକୁ ଦ୍ୱିଗୁଣିତ କରାଯାଇ ଅଧିକ କର୍ମସଂସ୍ଥାନ ସୃଷ୍ଟି କରାଯାଇ ପାରିବ ବୋଲି ଲକ୍ଷ୍ନୌସ୍ଥିତ କେନ୍ଦ୍ରୀୟ ଔଷଧୀୟ ଓ ସୁଗନ୍ଧ ଫସଲ ପ୍ରତିଷ୍ଠାନ (ସିମାପ) ପକ୍ଷରୁ କୁହାଯାଇଛି। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶନିବାର ଅନୁଷ୍ଠିତ ଏକ କର୍ମଶାଳାରେ ସିମାପର ମୁଖ୍ୟ ବୈଜ୍ଞାନିକ ଡ. ଅଜିତ କୁମାର ଶାସନୀ ଏହା କହିଛନ୍ତି। ଏଥିରେ ନବରଙ୍ଗପୁର ଜିଲାରୁ ୨୦ଜଣ ଚାଷୀ ଭାଗ ନେଇଥିଲେ। ଜିଲାର ଜଣେ ଉଦ୍ୟୋଗୀ ଲେମନ ଚା ପତି ପ୍ରସ୍ତୁତ କରୁଛନ୍ତି। ଏଥିସହ ତୁଳସୀ ଓ ପାମାରୋଜ ତେଲକୁ ବ୍ୟବହାର କରି ନବରଙ୍ଗ ଧୂପକାଠି ପ୍ରସ୍ତୁତ କରାଯାଉଛି। ଆଗାମୀ ଦିନରେ ନନ୍ଦାହାଣ୍ଡି ଓ ପାପଡାହାଣ୍ଡିରେ ଦୁଇଟି ତେଲ ପ୍ରକ୍ରିୟାକରଣ ମେଶିନ କାର୍ଯ୍ୟକ୍ଷମ କରାଯିବାକୁ କର୍ମଶାଳାରେ ନିଷ୍ପତ୍ତି ହୋଇଛି। ଏହାବ୍ୟତୀତ ବେଣା, ମେଣ୍ଠା ଚାଷ କରାଯାଇ ସାବୁନ ଶାମ୍ପୁ ପ୍ରସ୍ତୁତିରେ ଏସ୍‌ଏଚ୍‌ଜି ମହିଳାଙ୍କୁ ସାମିଲ କରାଯିବ ବୋଲି ଡ. ଶାସନୀ ସୂଚନା ଦେଇଥିଲେ। ନବରଙ୍ଗପୁର ଓ ପାପଡାହାଣ୍ଡି ବ୍ଲକର ଅଧିକ ଚାଷୀଙ୍କୁ ଏଥିରେ ସାମିଲ କରାଯାଇ ନୀଳଗିରି(ୟୁକଲପଟାସ) ପତ୍ରରୁ ତେଲ ବାହାର କରାଯିବ ବୋଲି ସିମାପର ଅନ୍ୟତମ ବୈଜ୍ଞାନିକ ଡ. ପ୍ରଶାନ୍ତ କୁମାର ରାଉତ କହିଛନ୍ତି। ଲେମନଗ୍ରାସରୁ କିଭଳି ଉନ୍ନତମାନର ତେଲ ବାହାରିପାରିବ ସେ ନେଇ ବୈଜ୍ଞାନିକ ଚନ୍ଦନ କୁମାର ଛାନଟିଆ ଚାଷୀଙ୍କୁ ବୁଝାଇଥିଲେ। ନବରଙ୍ଗପୁର ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ. ପ୍ରଦୋଷ କୁମାର ପଣ୍ଡା ତୁଳସୀ ଚାରା ପ୍ରସ୍ତୁତିରେ ସହଯୋଗ କରିବେ ବୋଲି କହିଥିଲେ। ଲକ୍ଷ୍ମୀ ନାରାୟଣ ବକ୍ସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହୋଇପାରୁନି ଦୁଇ ପୁଅଙ୍କ ଚିକିତ୍ସା, ଚିନ୍ତାରେ ପରିବାର

**ପାହାଡ଼ ତଳି ଗାଁ ମାରିଗୁଡା**



ବଡପୁଅ ନାଗେଲ ବାଲାରାଜୁ।

ଚିତ୍ରକୋଣ୍ଡା,୫।୭(ଡି.ଏନ.ଏ.)

ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ କପାତୁଟି ପଞ୍ଚାୟତ ଅନ୍ତର୍ଗତ ପାହାଡ଼ ତଳେ ରହିଛି ମାରିଗୁଡା ଗ୍ରାମ। ଏହି ଗ୍ରାମରେ ନାଗେଲ ଚିନାରାଓ ସ୍ତ୍ରୀ ଏବଂ ୩ପୁଅଙ୍କୁ ନେଇ ତାଙ୍କ ସଂସାର। ପାହାଡ଼ ପର୍ବତ ଘେରା ଜଙ୍ଗଲ ଭିତରେ କିଛି ଖାଲି ପଡ଼ିଥିବା ଜମିରେ ସୁଆଁ, ମାଣ୍ଡିଆ ଓ ଧାନ ଚାଷ କରି ଘରେ ଗୋରୁଗାଈ, ଛେଳି ଓ କୁକୁଡ଼ା ପାଳି ପରିବାର ଚଳାଉଥିଲେ ଚିନାରାଓ। ମାତ୍ର ତାଙ୍କ ପରିବାର ଉପରକୁ ମାଡ଼ି ଆସିଥିଲା ଦୁଃଖ। ୨୦ ବର୍ଷର ବଡପୁଅ ନାଗେଲ ବାଲାରାଜୁ ହଠାତ୍ ଆଣ୍ଠୁରେ ଗଣ୍ଠିବାତ ରୋଗରେ ପୀଡିତ ହୋଇ ଆଉ ଚଲାବୁଲା କରିପାରିଲେ ନାହିଁ। ଚିନାରାଓ ଦିଶାରି ଓ ଡାକ୍ତରଖାନା ନେଇ ପୁଅର ଚିକିତ୍ସା କରାଇବା ପରେ ବାଲରାଜୁ ଟିକେ ଭଲ ହେବାରୁ ଘରକୁ ନେଇ ଆସିଥିଲେ। କିଛି ଦିନ ପରେ ପୁଣି ବଡପୁଅର ପୂର୍ବଭଳି ଆଣ୍ଠୁ ଗଣ୍ଠି ବାତ ରୋଗ ବାହାରି ସେ ଆଉ ଚଲାବୁଲା କରିପାରିଲେ ନାହିଁ। ଅର୍ଥଭାବରୁ ଚିନାରାଓ ପୁଅର ଅଧିକ ଚିକିତ୍ସା କରିପାରୁନାହାନ୍ତି। ଏବେ ମଝିଆଁ ପୁଅ ନାଗେଲ ସୁବାରାଓ ମଧ୍ୟ ବଡପୁଅ ଭଳି ଆଣ୍ଠୁ ଗଣ୍ଠି ବାତ ରୋଗର ଶିକାର ହୋଇ ଚଲାବୁଲା କରିପାରୁନାହାନ୍ତି। ଯେଉଁ ବୟସରେ ଦୁଇପୁଅ ରୋଜଗାର କରି ମାଆବାପାଙ୍କ ବୋଝକୁ ହାଲକା କରିବା କଥା ସେ ବୟସରେ ପିଲାଙ୍କ ଭବିଷ୍ୟତ ଚିନ୍ତାରେ ଅଛନ୍ତି ଚିନାରାଓ ଏବଂ ତାଙ୍କ ସ୍ତ୍ରୀ। ଯଦି ଜିଲା ପ୍ରଶାସନ କି ରାଜ୍ୟ ସରକାର ଦୁଇ ପୁଅଙ୍କ ଚିକିତ୍ସା ପାଇଁ ସହଯୋଗ କରନ୍ତେ ତେବେ ତାଙ୍କ ପିଲା ଦୁହେଁ ଭଲ ହୋଇପାରନ୍ତେ ବୋଲି ଆଶା କରିଛନ୍ତି ଏହି ସ୍ୱାମୀ ସ୍ତ୍ରୀ।

# ସ୍ମୃତିରାଣୀଙ୍କ ନିକଟରେ ପହଞ୍ଚିଲା ପ୍ରଶାସନ

ଜୟପୁର,୫।୭(ଡି.ଏନ.ଏ )



ଶିଶୁମଙ୍ଗଳ କମିଟି ଓ ଚାଇଲଡ ଲାଇନ କର୍ମକର୍ତ୍ତା ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲା ଜୟପୁର ବ୍ଲକ ଆମ୍ବାଗୁଡା ଗ୍ରାମର ମା' ବାପା ଛେଉଣ୍ଡ ଅସହାୟ ନାବାଳିକା ସ୍ମୃତିରାଣୀ ବେହେରାଙ୍କ ନିକଟରେ ରବିବାର ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଡ. ଗାୟତ୍ରୀ ଦେବୀ ଏବଂ ଚାଇଲ୍ଡ ଲାଇନ କର୍ମଚାରୀ ପୂର୍ଣ୍ଣିମା ଦାସ ପହଞ୍ଚିଛନ୍ତି। ଘଟଣାର ତଦନ୍ତ କରି ସରପଞ୍ଚ ସୋନୁ ନାଚିକା, ପଡୋଶୀ ତ୍ରିନାଥ ପାତ୍ର, ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ତାଙ୍କ ବାପାଙ୍କ ଶୁଦ୍ଧିକ୍ରିୟା ସରିବା ପରେ ସରପଞ୍ଚ ସ୍ମୃତିରାଣୀଙ୍କୁ ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ଉପସ୍ଥିତ କରିବେ ବୋଲି ନିଷ୍ପତ୍ତି ହୋଇଥିଲା। ଅଷ୍ଟମ ଶ୍ରେଣୀରେ ପଢୁଥିବା ସ୍ମୃତିରାଣୀ ପାଠ ପଢିବାକୁ ଇଚ୍ଛା ପ୍ରକାଶ କରିଥିବାରୁ ତାଙ୍କୁ ଜିଲାର ଯେକୌଣସି ଶିଶୁ ଯତ୍ନ କେନ୍ଦ୍ରରେ ରଖାଯାଇ ପାଠପଢା ବ୍ୟବସ୍ଥା କରାଯିବ ବୋଲି ଅଧ୍ୟକ୍ଷା ଡ. ଗାୟତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୪ ବର୍ଷ ତଳେ ସ୍ମୃତିରାଣୀଙ୍କ ମା'ଙ୍କ ମୃତ୍ୟୁ ହୋଇଥିଲା। ବାପା ସନ୍ତୋଷ ବେହେରା ଏକ ସେଲୁନରେ କାର୍ଯ୍ୟ କରି ଯାହା ରୋଜଗାର କରି ଆଣୁଥିଲେ ସେଥିରେ ବାପଝିଅ ଚଳି ଯାଉଥିଲେ। ଗତ ବର୍ଷେ ହେଲା ତାଙ୍କ ବାପା ଅସୁସ୍ଥ ହୋଇପଡିବାରୁ କାମ କରିବାକୁ ଯାଇପାରୁ ନ ଥିଲେ। ଗ୍ରାମବାସୀଙ୍କ ସହାୟତାରେ ବାପଝିଅ ଚଳୁଥିଲେ। ଗତ ଶନିବାର ସନ୍ତୋଷ ବିଦ୍ୟାଳୟ ନିକଟରେ ପଡିଯାଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜୟପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨୭।୬।୨୦ରେ ତାଙ୍କର ମୃତ୍ୟୁ ହୋଇଥିଲା। ଫଳରେ ସ୍ମୃତିରାଣୀ ଅସହାୟ ହୋଇପଡିଥିଲେ। ତାଙ୍କୁ ନେଇ ଗ୍ରାମବାସୀ ମଧ୍ୟ ଚିନ୍ତାରେ ଥିଲେ। ଏହି ଖବର ପାଇବା ପରେ ରବିବାର ଶିଶୁମଙ୍ଗଳ କମିଟି ଓ ଚାଇଲ୍ଡ ଲାଇନ କର୍ମକର୍ତ୍ତା ତାଙ୍କ ନିକଟରେ ପହଞ୍ଚିଛନ୍ତି।

## ଭାରତର ବୈଦେଶିକ, ବାଣିଜ୍ୟିକ ନୀତି ଉପରେ ଆଲୋଚନାଚକ୍ର

କୋରାପୁଟ,୫।୭(ସ୍ୱ.ପ୍ର.)

କୋଭିଡ -୧୯ ସମୟରେ ଭାରତର ବୈଦେଶିକ ନୀତି ଓ ବାଣିଜ୍ୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟ ଏବଂ ଏଫ୍‌ଆଇଡିଆର ଇଣ୍ଡିଆ ମିଳିତ ସହଯୋଗରେ ଭିଡିଓ କନଫରେନ୍ସ ମାଧ୍ୟମରେ ହୋଇଥିବା ଏହି ଆଲୋଚନାଚକ୍ରକୁ ବିଶ୍ୱ ବିଦ୍ୟାଳୟ କୁଳପତି ଆଇ.ରାମବ୍ରହ୍ମମ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବୈଦେଶିକ ଓ ବାଣିଜ୍ୟ ନୀତିରେ ଆମର ନିଜସ୍ୱ ରଣନୀତି ସମୀକ୍ଷାମୂଳକ ହେବା ନେଇ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ସ୍ଥାନରୁ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଓ ଛାତ୍ରମାନେ ଅଂଶଗ୍ରହଣ କରି ନିଜ ମତ ରଖିଥିଲେ। ଭିଏତନାମର କନସୁଲ ଜେନରାଲ ଡା. ମଦନ ମୋହନ ସେଠୀ ମୁଖ୍ୟବକ୍ତା ରୂପେ ଯୋଗଦେଇ କୋରାପୁଟ ଜିଲାର ଆଦିବାସୀଙ୍କ ପାରମ୍ପରିକ ହସ୍ତଶିଳ୍ପର ବିକାଶ ଓ ଜିଲାରେ ପର୍ଯ୍ୟଟନର ବିକାଶ ଉପରେ ମତ ରଖିଥିଲେ। ହରିୟାନା ଫୋରମ ଇଣ୍ଟିଗ୍ରେଟେଡ ଡେଭଲପମେଣ୍ଟ ଆଣ୍ଡ ରିସର୍ଚ୍ଚ ଫୋରମର ଅଧ୍ୟକ୍ଷ ଗୁରୁଦତ୍ତ ପାଣିଗ୍ରାହୀ ପ୍ୟାନେଲିଷ୍ଟ ଭାବେ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ଭାରତର ବୈଦେଶିକ ଓ ବାଣିଜ୍ୟିକ ନୀତି କିପରି ହେବା ଆବଶ୍ୟକ ସେ ନେଇ ଆଲୋକପାତ କରିଥିଲେ। ସହକାରୀ ପ୍ରଫେସର ଡ. ମିନତି ସାହୁ ସଂଯୋଜନା କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଚାରା ରୋପଣ

ଚନ୍ଦାହାଣ୍ଡି, ୫।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦେଓବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବନବିଭାଗ ପକ୍ଷରୁ ଚାରା ରୋପଣ କରାଯାଇଛି। ବନପାଳ ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫଟକି ସରପଞ୍ଚ ରୀନା ମାଝି ମୁଖ୍ୟଅତିଥି, ସାମାଜିକ କର୍ମୀ ସନ୍ତୋଷ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୁଶାନ୍ତ ମାଝି, ଫାର୍ମାସିଷ୍ଟ ସତ୍ୟଦେବ ମୁଣ୍ଡା, ସ୍ୱାସ୍ଥ୍ୟକର୍ମୀ ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ବିଭିନ୍ନ ପ୍ରକାର ଚାରା ଲଗାଇଥିଲେ। କାର୍ଯ୍ୟକ୍ରମକୁ ପ୍ରତାପ ନାୟକ, ସୁଦର୍ଶନ ଭତରା, କମଳାକାନ୍ତ ହରିଜନ ପ୍ରମୁଖ ପରିଚାଳନା କରିଥିଲେ।

## ୫ ଜିଲାକୁ ବଦଳି ହେଲେ ୧୬ ଏସଆଇ

ଜୟପୁର,୫।୭(ଡି.ଏନ.ଏ )

ଦକ୍ଷିଣ ପଶ୍ଚିମାଞ୍ଚଳ ରେଞ୍ଜ ଡିଆଇଜି ୬ଟି ଜିଲାର ୫୨ ପୋଲିସ ଏସଆଇଙ୍କୁ ୧ ତାରିଖରେ ବଦଳି କରିଥିଲେ। କୋରାପୁଟ ଜିଲାରୁ ୧୬ ଏସଆଇଙ୍କ ମଧ୍ୟ ବଦଳି ହୋଇଥିଲା। ଏହି ଅଧିକାରୀମାନେ ନିଜ ବଦଳି ସ୍ଥାନରେ ଯୋଗ ଦେବାକୁ ସେମାନଙ୍କୁ ଏସପି ମୁକେଶ କୁମାର ଭାମୋ ରିଲିଭ କରିଦେଇଛନ୍ତି। ଜିଲାରୁ ୬ ଏସଆଇ ରାୟଗଡା, ନବରଙ୍ଗପୁର ୩, ନୂଆପଡା ୩, କଳାହାଣ୍ଡି ୨ ଏବଂ ମାଲକାନଗିରି ଜିଲାକୁ ୨ଜଣ ଏସଆଇଙ୍କ ବଦଳି ହୋଇଛି। ସେହପରି ଅନ୍ୟ ଜିଲାରୁ ସମପରିମାଣର ଏସଆଇ କୋରାପୁଟ ଜିଲାରେ ଯୋଗ ଦେବେ। ସୂଚନା ଯୋଗ୍ୟ ଯେ, ଜୟପୁର ସଦରଥାନାର ଏସଆଇ ଶିବଶଙ୍କର ସାହୁ, ସୀମା ପ୍ରଧାନ, ମୁକୁନ୍ଦଦେବ ନାୟକ ଏବଂ ଟାଉନଥାନାରୁ ସୀମା ସଙ୍ଗିତା ଲୁଗୁନ, ସୁନିତା ବେହେରା ମଧ୍ୟ ବଦଳି ହୋଇଛନ୍ତି।

## ସବ୍‌ଷ୍ଟେଶନ୍ ପରିସରରେ ଜମୁଛି ବର୍ଷାଜଳ

- ଶର୍ଟସର୍କିଟ ହେଲେ ବିପଦ ସୃଷ୍ଟି କରିପାରେ
- ପୋଷ୍ଟ ଅଫିସ ସୃଷ୍ଟି କରୁଛି ସମସ୍ୟା
- ଡ୍ରେନ୍ ସଫା ଥିଲେ ଅସୁବିଧା ନ ଥାନ୍ତା

ମାଲକାନଗିରି,୫।୭ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପୌରାଞ୍ଚଳର ଚିଦାନନ୍ଦ ସାହି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ବିଭାଗ ସବ୍ ଷ୍ଟେସନ ପାଣି ଘେରରେ ରହିଛି। ଏହି ସବ୍‌ଷ୍ଟେସନରୁ ଅନେକ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହେଉଛି। ବର୍ଷା ଜଳରେ ସବ୍‌ଷ୍ଟେସନ ଚତୁଃପାର୍ଶ୍ୱ ଜଳମଗ୍ନ ହୋଇ ରହିଥିବାରୁ ଯେକୌଣସି ସମୟରେ ଏହା ଶର୍ଟସର୍କିଟ ହୋଇ ବିପଦ ସୃଷ୍ଟି କରିପାରେ ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ସାଉଥ୍‌କୋ କନିଷ୍ଠ ଯନ୍ତ୍ରୀ ସର୍ବେଶ୍ୱର ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସବ୍‌ଷ୍ଟେସନକୁ ଲାଗି ନୂତନ ଭାବେ ପୋଷ୍ଟ ଅଫିସ କାର୍ଯ୍ୟାଳୟ ନିର୍ମାଣାଧୀନ ଥିବାରୁ ସମ୍ପୃକ୍ତ ଠିକାଦାର ଏହି ଅଞ୍ଚଳରେ ଇଟା, ବାଲି, ମେଟାଲ ଗଦା କରି ଜଳ ନିଷ୍କାସନ ରାସ୍ତା ବନ୍ଦ କରି ଦେଇଛନ୍ତି। ଏଥିସହ ସବ୍‌ଷ୍ଟେସନକୁ ଲାଗି ପୌର ପରିଷଦ କରିଥିବା ଡ୍ରେନ ପୋତି ହୋଇ ରହିଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଯଦି ଡ୍ରେନ ସଫା କରାଯାଆନ୍ତା ତେବେ ସବ୍‌ଷ୍ଟେସନ ପରିସରରେ ବର୍ଷା ଜଳ ଜମୁ ନ ଥାନ୍ତା ବୋଲି ଶତପଥୀ କହିଛନ୍ତି।

## ଉଠିନି ଗୋରୁଙ୍କ ମୃତଦେହ

ପାଣ୍ଡ୍ରିପାଣି ତା,୫।୭(ଡି.ଏନ୍. ଏ.)

ମାଲକାନଗିରି ସଦର ବ୍ଲକ ପାଣ୍ଡ୍ରିପାଣି ପଞ୍ଚାୟତରେ ଦୁଇ ଦିନ ତଳେ ବିଦ୍ୟୁତ ତାର ଲାଗି ୨ ଗୋରୁଙ୍କ ମୃତ୍ୟୁ ହୋଇଥିଲା। ଏଯାଏ ସେଠାରୁ ସେମାନଙ୍କ ମୃତଦେହ ଉଠାଯାଇନି। ଏଣେ କ୍ଷତିପୂରଣ ଦାବିରେ ଗୋରୁ ମାଲିକମାନେ ଅଡି ବସିଛନ୍ତି। ବିଦ୍ୟୁତ ତାର ଛିଣ୍ଡିଥିବା ନେଇ ବିଦ୍ୟୁତ ବିଭାଗକୁ ଖବର ଦେଇଥିଲେ ସୁଦ୍ଧା ସେମାନେ ତାହାର ମରାମତି କରି ନ ଥିଲେ। ବିଦ୍ୟୁତ ବିଭାଗର ମନମୁଖୀ କାମ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ କହିଛନ୍ତି।

# ଗର୍ଭବତୀଙ୍କୁ ଟେକି ଟେକି ବୋହିଲେ ପରିବାର

**ଗାଁ ରାସ୍ତା ଶୋଚନୀୟ, ଆସିପାରିଲାନି ଆମ୍ବୁଲାନ୍ସ**

ରାଇଘର, ୫।୭ (ଡି.ଏନ୍.ଏ.)



କାଦୁଅ ରାସ୍ତାରେ ଗର୍ଭବତୀଙ୍କୁ ପରିବାର ଲୋକେ ଓ ଆଶା କର୍ମୀ ବୋହିକରି ନେଉଛନ୍ତି।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗର୍ଭବତୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ ସବୁ ଜାଗାରେ ତାହାର ସଫଳ ରୂପାୟନ ହୋଇପାରୁନି। ଏହାର ଏକ ଉଦାହରଣ ନବରଙ୍ଗପୁର ଜିଲା ରାଇଘର ବ୍ଲକ ମୁଣ୍ଡିବେଡା ପଞ୍ଚାୟତ କପାଟପାଣି ଗ୍ରାମରେ ରବିବାର ଦେଖିବାକୁ ମିଳିଛି। କାଦୁଅ ରାସ୍ତା ଯୋଗୁ ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇ ପାରିଲା ନାହିଁ। ତେଣୁ ଜଣେ ଗର୍ଭବତୀଙ୍କୁ ପରିବାର ଲୋକେ ଟେକି କିଛି ବାଟ ଆଣିବା ପରେ ସେଠାରୁ ଏକ ଅଟୋଯୋଗେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ।

ସୂଚନା ଅନୁଯାୟୀ କପାଟପାଣି ଗାଁର ହରି ସାନ୍ତାଙ୍କ ସ୍ତ୍ରୀ ଲତା (୧୯ )ଙ୍କର ରବିବାର ସକାଳେ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ଆଶା କର୍ମୀ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କିନ୍ତୁ କାଦୁଅ ରାସ୍ତା ଯୋଗୁ ଆମ୍ବୁଲାନ୍ସଟି ଗାଁଠାରୁ ପ୍ରାୟ ୫କି.ମି ଦୂର ଖଡିଙ୍ଗିମାଲଠାରେ ଅଟକି ରହିଲା। ପରିବାର ଲୋକେ ଉପାୟ ଶୂନ୍ୟ ହୋଇ ଗର୍ଭବତୀଙ୍କୁ ଟେକିକି ଆଣିଥିଲେ। ଅଧାବାଟରେ ଅଟୋଟିଏ ମିଳିବାରୁ ସେଥିରେ ଗର୍ଭବତୀଙ୍କୁ ବସାଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ମହିଳାଜଣଙ୍କ ଏବେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

# ରାୟଗଡ଼ାରେ ଶିଶୁରୋଗ ବିଶେଷଜ୍ଞଙ୍କୁ କରୋନା ଚର୍ଚ୍ଚା

- ଜିଲା ପ୍ରଶାସନ ଖୋଲୁନି ମୁହଁ
- ଆର୍‌ଏମ୍‌ଆର୍‌ସି ରିପୋର୍ଟ ଆସିଲେ ସ୍ପଷ୍ଟ ହେବ: ସିଡିଏମ୍‌ଓ

ରାୟଗଡ଼ା ଅଫିସ,୫।୭:

ରାୟଗଡ଼ା ଜିଲାରେ କରୋନା ପଜିଟିଭଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାରେ ମୋଟ ପଜିଟିଭଙ୍କ ସଂଖ୍ୟା ୧୧୫ରେ ପହଞ୍ଚିଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟରତ ଜଣେ ଶିଶୁରୋଗ ବିଶେଷଜ୍ଞ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଏବଂ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ସହରରେ ଚର୍ଚ୍ଚା ଜୋର ଧରିଛି। ତେବେ ଡାକ୍ତରଙ୍କ ପଜିଟିଭ ବାହାରିବା ନେଇ ଜିଲା ପ୍ରଶାସନ ପକ୍ଷରୁ କୌଣସି ଘୋଷଣା କରାଯାଇନାହିଁ। ଏ ନେଇ ରାୟଗଡ଼ା ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ କହିଛନ୍ତି, ଉକ୍ତ ଡାକ୍ତରଙ୍କ ଟ୍ରୁନାଟ୍ ବେଟା କୋଭିଡ୍ ଟେଷ୍ଟ(ସ୍କ୍ରିନିଂ ଟେଷ୍ଟ) କରାଯାଇଛି। ଏଥିରେ ତାଙ୍କର ପଜିଟିଭ ବାହାରିଛି। କିନ୍ତୁ ସ୍ପଷ୍ଟ ହେବା ପାଇଁ ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସିକୁ ପରୀକ୍ଷା ପାଇଁ ପଠାଯାଇଛି। ସେଠାରୁ ରିପୋର୍ଟ ଆସିବା ପରେ ହିଁ ଜଣାପଡ଼ିବ। ସୂଚନାଯୋଗ୍ୟ, ଡାକ୍ତର କିଛି ଦିନ ତଳେ ଗଞ୍ଜାମ ଜିଲାରୁ ଫେରିଥିବାବେଳେ ସେ ୩ଦିନ ଧରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ, ନ୍ୟୁ କଲୋନୀସ୍ଥିତ ଡାକ୍ତର ପ୍ଲାଜା ଏବଂ ଏସ୍‌ଏନ୍‌ସିୟୁରେ ଥିବା ନବଜାତ ଶିଶୁମାନଙ୍କ ମଧ୍ୟ ଚିକିତ୍ସା କରିଥିବା ଜଣାପଡ଼ିଛି। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ଘୋଷଣା କରାଯାଇ ନ ଥିଲେ ମଧ୍ୟ ତତ୍ପରତା ଦେଖିବାକୁ ମିଳିଛି। ଡାକ୍ତରଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଥିବା ଜଣାପଡ଼ିଛି। ନ୍ୟୁ କଲୋନୀକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିବାବେଳେ ଡାକ୍ତର ପ୍ଲାଜା ଏବଂ ମେଡିକାଲରେ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଥିବା ମଧ୍ୟ ଜଣାପଡ଼ିଛି। ତେଣୁ ସହରବାସୀ ଆଶଙ୍କାରେ ରହିଛନ୍ତି। ଡାକ୍ତର ଅନେକ ଲୋକଙ୍କ ସଂସ୍ପର୍ଶରେ ଆସିଥିବାରୁ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ତେବେ ଆର୍‌ଏମ୍‌ଆର୍‌ସି ରିପୋର୍ଟ ଆସିବା ପରେ ରାଜ୍ୟସ୍ତରରେ ଘୋଷଣା କରାଯିବ। ଏହାପରେ ହିଁ ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିପାରିବ ବୋଲି ସିଡିଏମ୍‌ଓ ପ୍ରକାଶ କରିଛନ୍ତି। ତେବେ ଜିଲାପାଳଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ନବରଙ୍ଗପୁରରୁ ପୁଣି ୨ କରୋନା ସଂକ୍ରମିତ

**ବଡକଇଲାରି ଗ୍ରାମ କଣ୍ଟେନମେଣ୍ଟ ଜୋନ**

ନବରଙ୍ଗପୁର,୫।୭(ବି.ପ୍ର.)

ନବରଙ୍ଗପୁର ଜିଲାରୁ ରବିବାର ପୁଣି ୨ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ଜିଲାପାଳ ଡ଼ ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି। ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୫। ସେମାନଙ୍କ ମଧ୍ୟରୁ ୧୫ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ବିଭିନ୍ନ କୋଭିଡ ହସ୍ପିଟାଲରେ ୪୦ଜଣ ଚିକିତ୍ସିତ ହେଉଛନ୍ତି। ଆଜି ସଂକ୍ରମିତ ହୋଇଥିବା ୨ଜଣଙ୍କୁ ଜିଲା ପ୍ରଶାସନ ନବରଙ୍ଗପୁରସ୍ଥିତ କୋଭିଡ ହସ୍ପିଟାଲରେ ରଖି ଚିକିତ୍ସା ଚଳାଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡାବୁଗାଁ ବ୍ଲକ ବଡକଇଲାରି ଗ୍ରାମକୁ ୫ରୁ ୧୫ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଏହି ୧୦ ଦିନ ମଧ୍ୟରେ ମେଡିକାଲ ଟିମ୍ ଘର ଘର ବୁଲି କଣ୍ଟାକ୍ଟ ଟ୍ରେସିଂ କରିବା ସହ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଖବର ନେବେ। ଏ ନେଇ ଜିଲାପାଳ ପ୍ରେସ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଛନ୍ତି। ଜିଲାରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଲୋକେ କିନ୍ତୁ ଏଥିରେ ଭୟଭୀତ ନ ହୋଇ କୋଭିଡ଼ ନିୟନ୍ତ୍ରଣ ପାଇଁ ରହିଥିବା ସରକାରୀ ନିୟମଗୁଡିକୁ ପାଳନ କରି ସୁରକ୍ଷିତ ରୁହନ୍ତୁ ବୋଲି ଜିଲାପାଳ କହିଛନ୍ତି।

# କୁଜେନ୍ଦ୍ରି ପରେ ଡମ୍ଭସରାରେ ବିରୋଧ

- ଶିରିଝୋଲି ପଞ୍ଚାୟତବାସୀଙ୍କୁ ସ୍ଥାନାନ୍ତର ଦାବି
- ସଙ୍ଗରୋଧ କେନ୍ଦ୍ର ଘେରାଉ
- ପଗଡ଼ବିଲିକୁ ସ୍ଥାନାନ୍ତର ପରେ ଚାଲିଛି ସ୍ୱାବ୍ ପରୀକ୍ଷା

ଗୁଣପୁର,୫।୭(ଡି.ଏନ୍.ଏ.):



ଡମ୍ଭସରା ଗ୍ରାମବାସୀ ସଙ୍ଗରୋଧ କେନ୍ଦ୍ରକୁ ଘେରାଉ କରିଛନ୍ତି।

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଶିରିଝୋଲି ପଞ୍ଚାୟତର ବିଜୟପୁର ଗ୍ରାମରେ ଶୁକ୍ରବାର ୭୪ ପଜିଟିଭ ଚିହ୍ନଟ ହେବାପରେ ପଞ୍ଚାୟତର ୧୮୦ଜଣଙ୍କୁ ସ୍ୱାବ୍ ପରୀକ୍ଷା ପାଇଁ ଶନିବାର କୁଜେନ୍ଦ୍ରି ସଙ୍ଗରୋଧ କେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଅବ୍ୟବସ୍ଥା ଏବଂ କୁଜେନ୍ଦ୍ରି ଗ୍ରାମବାସୀଙ୍କ ବିରୋଧ ଯୋଗୁ ଲୋକେ ନିରାଶ ହୋଇ ଘରକୁ ଚାଲିଚାଲି ଫେରିଥିଲେ। ସେହିପରି ପଞ୍ଚାୟତର ଅନ୍ୟ ୮୦ଜଣଙ୍କୁ ଡମ୍ଭସରା ସଙ୍ଗରୋଧ କେନ୍ଦ୍ରକୁ ପରୀକ୍ଷା ପାଇଁ ନିଆଯାଇଥିଲା। ସେଠାରେ ମଧ୍ୟ ଅବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। କିନ୍ତୁ ପ୍ରଶାସନ ପଞ୍ଚାୟତବାସୀଙ୍କୁ ବୁଝାଶୁଝା କରି ରାତିରେ ସଙ୍ଗରୋଧ କେନ୍ଦ୍ରରେ ରଖିଥିଲେ। ରବିବାର ସେମାନଙ୍କ ସ୍ୱାବ୍ ପରୀକ୍ଷା ହେବାକୁ ଥିବାବେଳେ ଡମ୍ଭସରା ଗ୍ରାମବାସୀ ସଂକ୍ରମଣ ଭୟରେ ଶିରିଝୋଲି ପଞ୍ଚାୟତବାସୀଙ୍କୁ ଗାଁ ସଙ୍ଗରୋଧ କେନ୍ଦ୍ରରେ ରହିବାକୁ ଦେଇ ନ ଥିଲେ। ଶତାଧିକ ଲୋକ ସଙ୍ଗରୋଧ କେନ୍ଦ୍ର ଘେରାଉ କରିବା ସହ ସେମାନଙ୍କୁ ସ୍ଥାନାନ୍ତର କରିବାକୁ ଦାବି କରିଥିଲେ। ପରିସ୍ଥିତି ଜଟିଳ ହେଉଥିବା ଖବର ପାଇ ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ ଏବଂ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଗାଁ ଲୋକେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ପ୍ରଶାସନ ସେମାନଙ୍କୁ ପଗଡ଼ବିଲି ସଙ୍ଗରୋଧ କେନ୍ଦ୍ରକୁ ସ୍ଥାନାନ୍ତର କରିବାକୁ ବାଧ୍ୟ ହୋଇଥିଲା। ସେଠାରେ ସ୍ୱାବ୍ ସଂଗ୍ରହ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଉକ୍ତ ୮୦ ଲୋକଙ୍କ ସ୍ୱାବ୍ ସଂଗ୍ରହ ସରିବାପରେ ପଞ୍ଚାୟତର ଅନ୍ୟମାନଙ୍କ ସ୍ୱାବ୍ ସଂଗ୍ରହ କରାଯିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଶିରିଝୋଲି ପଞ୍ଚାୟତର ବିଜୟପୁର ଗ୍ରାମରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୦ରେ ପହଞ୍ଚିଛି। ତେଣୁ ପଞ୍ଚାୟତର ସମସ୍ତଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

